# Sambalpur Municipal Corporation

## Sambalpur (Odisha)

Email Id : Sambalpurm.hud@nic.in
Phone No. 0663-2411012


No. 11074 /SMC                                                                 Dt. 23.11.2022

**Expression of Interest (EoI)**

**ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ସମ୍ବଲପୁର ମହାନଗର ନିଗମରେ ଥିବା ବ୍ୟାଟେରୀ ଚାଳିତ ବର୍ଜ୍ୟବସ୍ତୁ ସଂଗ୍ରହ ଯାନ ଚଲାଇବା ସମ୍ବନ୍ଧେ**

ସମ୍ବଲପୁର ମହାନଗର ନିଗମରରେ ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ବ୍ୟାଟେରୀ ଚାଳିତ ଗାଡି ବ୍ୟବହାର କରାଯିବ। ଏହି ବ୍ୟାଟେରୀ ଚାଳିତ ଗାଡି ଗୁଡିକୁ ଚଳାଇବା ଲାଗି ସ୍ଥାନୀୟ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟା ମାନଙ୍କୁ ସ୍ୱଚ୍ଛକର୍ମୀ ଭାବରେ ନିଯୋଜିତ କରାଯିବା ନିମନ୍ତେ ସ୍ଥିର କରାଯାଇଛି । ପ୍ରତ୍ୟେକ ବ୍ୟାଟେରୀ ଚାଳିତ ଗାଡିରେ ଦୁଇଜଣ ଲେଖାଏଁ ସ୍ୱଚ୍ଛକର୍ମୀ ନିଯୋଜିତ ହେବେ । ଜଣେ ଗାଡ଼ି ଚାଳକ ଏବଂ ଅନ୍ୟ ଜଣେ ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ବ୍ୟାଟେରୀ ଚାଳିତ ଗାଡିରେ ନିଯୋଜିତ ହୋଇ କାମ କରିବେ । ସ୍ୱଚ୍ଛକର୍ମୀ (ବର୍ଜ୍ୟବସ୍ତୁ ସଂଗ୍ରହକାରି ଏବଂ ଚାଳକ) ଙ୍କ ଦରମା ମାସିକ ଟ. ୭୫୦୦/- ସ୍ଥିର କରାଯାଇଛି ।

**ଯୋଗ୍ୟତା:**

- ଆବେଦନକାରୀର ବୟସ 18-60 ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
- ଆବେଅଦନକାରୀ ଏକ ମିଶନ ଶକ୍ତି ଗୋଷ୍ଠୀର ସ୍ଥାପନା EOI ବିଜ୍ଞପ୍ତି ବାହାରିବା ସୁଦ୍ଧା ଏକ ବର୍ଷ ଅନ୍ୟୁନ [illegible] ହୋଇଥିବା ଦରକାର ।
- ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବେଅଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ ।ଆବେଦନକାରୀଙ୍କର କୌଣସି ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହୋଇନଥିବ ।
- ଆବେଦନକାରୀ ଅନ୍ୟ କୌଣସି ଅନୁଷ୍ଠାନରେ ନିଯୋଜିତ ହୋଇନଥିବେ ।
- ଗୋଟିଏ ମିଶନ ଶକ୍ତି ଗୋଷ୍ଠୀରୁ ଏକରୁ ଅଧିକ ବ୍ୟକ୍ତି ଉଭୟ ବର୍ଜ୍ୟବସ୍ତୁ ସଂଗ୍ରହକାରି ଏବଂ ଗାଡ଼ି ଚାଳକ ପାଇଁ ଆବେଦନ କରିପାରିବେ ।

ବ୍ୟାଟେରୀ ଚାଳିତ ଗାଡି ଚଲାଇବା ନିମନ୍ତେ ଡ୍ରାଇଭିଂ ଲାଇସେନ୍ସ ଥିବା ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ । ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ନଥିବ, ମନୋନୀତ ହେବାପରେ ତାଲିମ ନେଇ ଡ୍ରାଇଭିଂ ଲାଇସେନ୍ସ ଧାରୀ ହେବା ବାଧ୍ୟତାମୂଳକ । ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତ ସଦସ୍ୟା ହିଁ ଗାଡ଼ି ଚାଳକ ଭାବେ ନିଯୋଜିତ ହେବେ ।ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏ ବାବଦରେ ତା. ୫/୧୨/୨୦୨୨ ସୁଦ୍ଧା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ନିମ୍ନ ମତେ ଥିବା ଦୁଇଟି ଫର୍ମରେ ଆବେଦନ କରି ପାରିବେ ।

**ଆବେଦନ ଫର୍ମ ୧ : ମିଶନ ଶକ୍ତି ଗୋଷ୍ଠୀ ପୂରଣ କରି ଇଚ୍ଛୁକ ମନୋନୀତ ସଦସ୍ୟଙ୍କ ବିଷୟରେ ସୂଚନା ଦେବେ**

**ଆବେଦନ ଫର୍ମ ୨ : ଇଚ୍ଛୁକ ମନୋନୀତ ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟା ପୂରଣ କରିବେ**

**ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ ।**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲ୍ୟୁସନ୍ କପି ।
- ଯଦି ସଦସ୍ୟା ଗୋଷ୍ଠୀରେ ଗୋଷ୍ଠୀ ଗଠନ ହେଲା ପରେ ଯୋଗ ଦେଇଛନ୍ତି, ଏକ ରିଜୋଲ୍ୟୁସନ୍ ଯେଉଁଠାରେ ଗୋଷ୍ଠୀ ସଦସ୍ୟା ଗୋଷ୍ଠିରେ ଯୋଗ ଦେବାର ଉଲ୍ଲେଖ ହୋଇଛି ।
- ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ଗୋଷ୍ଠୀ ସଦସ୍ୟାଙ୍କୁ ମନୋନୀତ କରିବାର ରିଜୋଲ୍ୟୁସନ୍ ।
- ଆବେଦନ କରୁଥିବା ସଦସ୍ୟାଙ୍କ ଆଧାର କାର୍ଡ ନକଲ ।
- ଅନ୍ୟାନ୍ୟ ଆବଶ୍ୟକୀୟ ଦସ୍ତାବିଜ ।

ଏ ବିଷୟରେ ଅତିରିକ୍ତ ସୂଚନା ମହାନଗର ନିଗମ ୱେବସାଇଟ (http://www.smcsambalpur.nic.in) ରେ ଉପଲବ୍ଧ ଅଛି ।

22/11/22

ଉପ-ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ

Scanned with CamSc

Memo No. 11075 / SMC Dt.23/11/2022

Copy to be displayed at SMC website and Notice board, SMC / Collectorate office Notice board and to be made available at all ward offices for wide circulation of information.

Dy. Commissioner 23/11/22
Sambalpur Municipal Corporation

Scanned with CamSc